# ବ୍ରହ୍ମପୁରରେ ବନ୍ଦ ଶାନ୍ତିପୂର୍ଣ୍ଣ



ବ୍ରହ୍ମପୁର ରେଳ ଷ୍ଟେଶନ ସମ୍ମୁଖରେ ପିକେଟିଂ।

- ବିଭିନ୍ନ ସଂଗଠନ ପକ୍ଷରୁ ପିକେଟିଂ, ବିକ୍ଷୋଭ
- ବସ୍ ଚଳାଚଳ ବନ୍ଦ

ବ୍ରହ୍ମପୁର ଅଫିସ,୨୭।୯

ସଂଯୁକ୍ତ କିଷାନ ମୋର୍ଚ୍ଚାର ଆହ୍ୱାନ କ୍ରମେ ସୋମବାର ଭାରତ ବନ୍ଦ ଗଞ୍ଜାମ ଜିଲାରେ ଶାନ୍ତିପୂର୍ଣ୍ଣ ଥିଲା। ସଂଯୁକ୍ତ କିଷାନ ମୋର୍ଚ୍ଚା ନେତୃତ୍ୱରେ ବିଭିନ୍ନ ଟ୍ରେଡ୍ ୟୁନିୟନ ଓ ଗଣ ସଂଗଠନ ପକ୍ଷରୁ ପୂର୍ବାହ୍ନରେ ବ୍ରହ୍ମପୁର ରେଳ ଷ୍ଟେଶନଠାରେ ପିକେଟିଂ ସହ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦିଆଯାଇଥିଲା। ଏହାପରେ ସହରର ମୁଖ୍ୟ ଡାକଘର, ବିଭିନ୍ନ ଜାତୀୟ ଓ ଘରୋଇ ବ୍ୟାଙ୍କ, ବୀମା, ବିଦ୍ୟୁତ୍ ସହ କେନ୍ଦ୍ରୀୟ ଏବଂ ରାଜ୍ୟ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ ସହ ବନ୍ଦ କରାଯାଇଥିଲା। କୃଷି ଓ କୃଷକ ସର୍ବନାଶକାରୀ ୩ଟି କଳା କୃଷି ଆଇନ ପ୍ରତ୍ୟାହାର, ନୂତନ ବିଦ୍ୟୁତ୍ ଘରୋଇକରଣ ବିଲ୍-୨୦୨୦ ରଦ୍ଦ, ଶ୍ରମିକ ବିରୋଧୀ ୪ ଶ୍ରମ କୋଡ୍ ବାତିଲ, ଭାଗଚାଷୀଙ୍କୁ ଚାଷୀର ମାନ୍ୟତା, ଆୟକର ଦେଉ ନ ଥିବା ପ୍ରତ୍ୟେକ ପରିବାରକୁ ମାସିକ ୭,୫୦୦ ଟଙ୍କା ଆର୍ଥିକ ସହାୟତା ଓ ପେଟ୍ରୋଲ, ଡିଜେଲ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ହ୍ରାସ ପାଇଁ ଦାବି ହୋଇଥିଲା। ସଂଗଠନ ପକ୍ଷରୁ ପ୍ରଚାର ଗାଡି ସହର ପରିକ୍ରମା କରିବା ସହ ବହୁ ଦୋକାନ, ପେଟ୍ରୋଲ ପମ୍ପ ମଧ୍ୟ ବନ୍ଦ ରହିଥିଲା। ଏଥିସହ ପୁରୁଣା ବସ୍‌ଷ୍ଟାଣ୍ଡ ଓ ନୂଆ ବସ୍‌ଷ୍ଟାଣ୍ଡଠାରେ ଯାତ୍ରୀବାହୀ ବସ୍‌ସେବା ମଧ୍ୟ ବନ୍ଦ ରହିଥିଲା। ଫଳରେ ବହୁ ଯାତ୍ରୀ ବସ୍‌ଷ୍ଟାଣ୍ଡରେ ଅପେକ୍ଷାରତ ଥିବା ଦେଖିବାକୁ ମିଳିଥିଲା। ଆଜିର ଏହି ବନ୍ଦକୁ ଆମ୍ ଆଦ୍‌ମୀ ପାର୍ଟି ସମର୍ଥନ ଜଣାଇବା ସହ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଜିର ଏହି ବନ୍ଦ ପାଳନ ବେଳେ ପ୍ରକାଶ ପାତ୍ର, ବସନ୍ତ ନନ୍ଦ, ଶଙ୍କର ସାହୁ, ଭାଲଚନ୍ଦ୍ର ଷଡ଼ଙ୍ଗୀ, ପ୍ରଫୁଲ୍ଲ ସାମନ୍ତରାୟ, ଗୋପାଳ ପାଣିଗ୍ରାହୀ, ପପୁନ୍ ସାହୁ, ଶିବାନୀ ମିଶ୍ର, ପ୍ରଦୀପ ସେଠୀ, ଯୁଧିଷ୍ଠିର ବେହେରା, ଅବନୀ ଗୟା ଓ କାମଦେବ ନାହାକଙ୍କ ସମେତ ଆମ୍ ଆଦ୍‌ମୀ ପାର୍ଟି ଜିଲା ସମ୍ପାଦକ ଆଦିତ୍ୟ ରଥ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ସଂକ୍ଷେପରେ

### ବଳାତ୍କାରୀଙ୍କୁ ୭ ବର୍ଷ ଜେଲ

**ଫୁଲବାଣୀ ଅଫିସ, ୨୭।୯:** ଫୁଲବାଣୀ ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ ବିଚାରପତି ଭାସ୍କର ଚନ୍ଦ୍ର ସାହୁ ସୋମବାର ଏକ ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୬,୫୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ଏକ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ଅଭିଯୁକ୍ତ ହେଲେ ଖଜୁରିପଡା ଥାନା ଅଞ୍ଚଳର ସୁଜିତ ଦେହୁରୀ ଓରଫ ଟୁନୁ। ୨୦୧୬ ଜାନୁୟାରୀ ୨୯ ତାରିଖରେ ଘରେ କେହି ନ ଥିବାର ସୁଯୋଗ ନେଇ ଜଣେ ରୋଗାକ୍ରାନ୍ତ ଦିବ୍ୟାଙ୍ଗ ଝିଅକୁ ସୁଜିତ ବଳାତ୍କାର ଉଦ୍ୟମ କରୁଥିଲେ। ଝିଅର ମା' ଗାଧୋଇ ଘରକୁ ଫେରିବା ବେଳେ ଏହା ଦେଖି ବିରୋଧ କରିବାରୁ ଅଭିଯୁକ୍ତ ଜଣକ ଚାଲି ଯାଇଥିଲେ। ମାତ୍ର ପରେ ଆସି ସମ୍ପୃକ୍ତା ମହିଳାଙ୍କୁ ମାଡ଼ ମାରିଥିଲେ। ଏ ନେଇ ମହିଳା ଜଣକ ୨ ଦିନ ପରେ ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା ରୁଜୁ କରି ସୁଜିତଙ୍କୁ ଗିରଫ କରିଥିଲା। ୧୦ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଅଭିଯୋଜକ ବିଜୟକୃଷ୍ଣ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

### ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ
ନାବାଳିକା ଅସଦାଚରଣ ମାମଲା

**ଫୁଲବାଣୀ ଅଫିସ, ୨୭।୯:** ଏକ ନାବାଳିକା ଅସଦାଚରଣ ମାମଲାର ରାୟ ପ୍ରକାଶ ପାଇଛି। ଫୁଲବାଣୀ ପୋକ୍‌ସୋ ବିଚାରପତି ସୌମ୍ୟକ ପାତ୍ର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୭,୦୦୦ ଟଙ୍କା ଜରିମାନା କରାଯାଇଛି। ଏହା ଅନାଦାୟ ଅଧିକ ୫ ମାସ ଜେଲ ଭୋଗିବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ହେଲେ ଖଜୁରିପଡା ଥାନା ଅଞ୍ଚଳର କବିରାଜ ବେହେରା। ୨୦୧୮ ଅଗଷ୍ଟ ୧ ତାରିଖ ଭୋରରେ ନାବାଳିକା ଜଣକ ନିଜ ସାନଭାଇଙ୍କ ସହ ଶୋଇଥିଲେ। ବାପା ଛତୁ ତୋଳିବାକୁ ଘରଠାରୁ କିଛି ଦୂର ଯାଇଥିବା ବେଳେ ମା' ବିଲକୁ ଯାଇଥିଲେ। ଏହାର ସୁଯୋଗ ନେଇ କବିରାଜ ନାବାଳିକାଙ୍କୁ ରୋଷେଇ ଘରକୁ ନେଇ ଅସଦାଚରଣ କରୁଥିବା ବେଳେ ସେ ପାଟି କରିଥିଲେ। ବାପା ଆସି ଯିବାରୁ କବିରାଜ ସେଠାରୁ ଦୌଡି ପଳାଇଥିଲେ। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୬୨/୧୮ରେ ମାମଲା ରୁଜୁ କରି କବିରାଜଙ୍କୁ ଗିରଫ କରିଥିଲା। ୧୧ ଜଣ ସାକ୍ଷୀଙ୍କ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଅଭିଯୋଜକ ଅସୀମ କୁମାର ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

### ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

**ବ୍ରହ୍ମପୁର ଅଫିସ,୨୭।୯:** ପର୍ଯ୍ୟଟନ ଭାରତ ତଥା ବିଭିନ୍ନ ସଂଗଠନ ପକ୍ଷରୁ ଦି ମୟୁରି ସଭାକକ୍ଷ ପରିସରରେ ସୋମବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରମୋଦ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଇଂ ଉମା ଶଙ୍କର ପାଣିଗ୍ରାହୀ, ସମ୍ମାନିତ ଅତିଥି ଏସ୍‌ଏମ୍‌ଆଇଟି ସଭାପତି ଭଗବାନ ଗନ୍ତାୟକ, ମୁଖ୍ୟ ବକ୍ତା କୃଷ୍ଣଚନ୍ଦ୍ର ନିଶଙ୍କ ଉପସ୍ଥିତ ଥିଲେ। ପର୍ଯ୍ୟଟନ ଦିବସ ଅବସରରେ ସାମାଜିକ ଅନ୍ତର୍ଭୁକ୍ତି ଓ ଅଭିବୃଦ୍ଧି ପର୍ଯ୍ୟଟନ ଶୀର୍ଷକରେ ଜିଲାର ଉନ୍ନୟନ ମୂଳକ ପର୍ଯ୍ୟଟନ ଓ ଏହାର ଭିତ୍ତିଭୂମି ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ଭାରତ ସମ୍ପାଦକ ନାରାୟଣ ମହାଙ୍କୁଡ଼ ଓ ସହ ନିର୍ଦ୍ଦେଶକ ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ଗଞ୍ଜାମ ଓକିଲ ସଂଘର ୪ ଦିନିଆ କୋର୍ଟ ବର୍ଜନ

## ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

ବ୍ରହ୍ମପୁର ଅଫିସ,୨୭।୯

ବ୍ରହ୍ମପୁରରେ ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଗଞ୍ଜାମ ଓକିଲ ସଂଘର ୪ ଦିନିଆ କୋର୍ଟ ବର୍ଜନ ଆନ୍ଦୋଳନ ସୋମବାର ଆରମ୍ଭ ହୋଇଛି। ପୂର୍ବାହ୍ନରେ ଶତାଧିକ ଆଇନଜୀବୀ ସଂଘ କାର୍ଯ୍ୟାଳୟ ପରିସରରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ ସହ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ସ୍ଲୋଗାନ ଦେଇଥିଲେ। ଫଳରେ ସମସ୍ତ ଅଦାଲତରେ ବିଚାର ବ୍ୟବସ୍ଥାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଓକିଲ ସଂଘ ସଭାପତି ଜନାର୍ଦ୍ଦନ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ପ୍ରଦୀପ କୁମାର ବେହେରା, ଯୁଗ୍ମ ସମ୍ପାଦକ ସୁଧୀର କୁମାର ପାତ୍ର, ଉପସଭାପତି ବି. ଭାଗୀରଥି ରାଓ, ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରି, ନିର୍ମଳ ସାହୁ, ମନୋଜ ପଟ୍ଟନାୟକ, ସୁବାସ ପାତ୍ର, ମୁରଲୀଧର ସାହୁ, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ରବୀନ୍ଦ୍ର କୁମାର ପଟ୍ଟନାୟକ, ବିଜୟ କୁମାର ଚୌଧୁରୀ, ୱାଇ.ଶ୍ରୀରାମୁଲୁ, ସୁଦାମ ସାହୁ, ସୀମାଞ୍ଚଳ ପଣ୍ଡା, ତାପସ ସାହୁ, ଆଶିଷ ସାବତ ଓ ନୀଳାଞ୍ଚଳ ତ୍ରିପାଠୀଙ୍କ ସମେତ ବହୁ ଆଇନଜୀବୀ ଆନ୍ଦୋଳନରେ ସାମିଲ ଥିଲେ।

ସୂଚନାଯୋଗ୍ୟ, ଗତ ୩ ଦଶନ୍ଧି ପୂର୍ବରୁ ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ହୋଇଛି, କିନ୍ତୁ ସମସ୍ୟାର ସମାଧାନରେ ସରକାରଙ୍କ ଉପେକ୍ଷା ଅବ୍ୟାହତ ରହିଛି। ଅନ୍ୟପକ୍ଷରେ ୨୦୦୮ରେ ଆନ୍ଦୋଳନ ତୀବ୍ରତର ହୋଇଥିଲା ଯଦ୍ୱାରା ମାସ ମାସ ଧରି ଅଦାଲତ ବର୍ଜନ କରାଯାଇଥିଲା। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା। ତଥାପି ଦାବି ପୂରଣ ନ ହେବାରୁ ପ୍ରତିମାସର ଶେଷ ୪ ଦିନ କୋର୍ଟ ବର୍ଜନ ପାଇଁ ଓକିଲ ସଂଘ ନିଷ୍ପତ୍ତି ନେଇଥିଲା। ଦକ୍ଷିଣ ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ଲାଗି ରହିଥିବା ୪ ଦିନିଆ ଆନ୍ଦୋଳନକୁ ଆଗାମୀ ଦିନରେ ଅଧିକ ତୀବ୍ର କରିବା ପାଇଁ ସଂଘ ନିଷ୍ପତ୍ତି ନେଇଛି।

# ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘର ଦିନିକିଆ ଧର୍ମଘଟ

ବ୍ରହ୍ମପୁର ଅଫିସ,୨୭।୯



ଧର୍ମଘଟରେ ସାମିଲ ବ୍ୟାଙ୍କ କର୍ମଚାରୀ ସଂଘର କର୍ମକର୍ତ୍ତା।

- ରାଷ୍ଟ୍ରାୟତ୍ତ ଶିଳ୍ପ ଘରୋଇକରଣକୁ ବିରୋଧ
- ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି

ସର୍ବଭାରତୀୟ ସଂଗଠନ ଏଆଇଆର୍‌ଆର୍‌ବିଇଏ (ଅଲ୍ ଇଣ୍ଡିଆ ରିଜିଓନାଲ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘ)ଆହ୍ୱାନ କ୍ରମେ ଗ୍ରାମୀଣ ବ୍ୟାଙ୍କ ଧର୍ମଘଟ ଅବସରରେ ସୋମବାର ସୁବାରାଓ ଛକଠାରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ଦିନିକିଆ ଧର୍ମଘଟ କରାଯାଇଛି। ଏଥିରେ ବ୍ୟାଙ୍କରେ କାର୍ଯ୍ୟରତ ସମସ୍ତ କର୍ମଚାରୀ, ଅଧିକାରୀ ଓ ଅବସରପ୍ରାପ୍ତ କର୍ମଚାରୀ ସାମିଲ ହୋଇଥିଲେ। ମନିଟାଇଜେଶନ୍ ନାମରେ ରାଷ୍ଟ୍ରାୟତ୍ତ ଶିଳ୍ପକୁ ଘରୋଇ ମାଲିକାନା ହାତକୁ ହସ୍ତାନ୍ତର, ଗ୍ରାମୀଣ ବ୍ୟାଙ୍କରୁ ସରକାରଙ୍କ ପ୍ରସ୍ତାବିତ ପୁଞ୍ଜି ପ୍ରତ୍ୟାହାରକୁ ସଂଘ ପକ୍ଷରୁ ଦୃଢ଼ ବିରୋଧ କରାଯାଇଥିଲା। ଏଥିସହ ଗ୍ରାମୀଣ ବ୍ୟାଙ୍କରେ ନୂତନ ମଜୁରି ନିର୍ଦ୍ଧାରଣ, ଦେଶରେ ୪୩ ଗ୍ରାମୀଣ ବ୍ୟାଙ୍କକୁ ମିଶାଇ ଏକ ବୃହତ ଜାତୀୟ ବ୍ୟାଙ୍କ ପ୍ରତିଷ୍ଠା, ଗ୍ରାମୀଣ ବ୍ୟାଙ୍କରେ କାର୍ଯ୍ୟରତ ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍‌ରେ ସମାନତା ଆଣିବା ଆଦିକୁ ନେଇ ଦେଶରେ ୨୫ହଜାରରୁ ଊର୍ଦ୍ଧ୍ୱ ଶାଖା କର୍ମଚାରୀ ଏହି ଦିନିକିଆ ଧର୍ମଘଟରେ ସାମିଲ ହୋଇଥିବା ସଂଘ ପକ୍ଷରୁ କୁହାଯାଇଛି। ଆଜିର ଧର୍ମଘଟରେ ସଂଘ ଜିଲା ସମ୍ପାଦକ ହୃଷୀକେଶ ପାତ୍ର, ରମେଶ ପାତ୍ର, ସୁନୀଲ ମୁଖୀ, ଅଧିକାରୀ ସଂଘର ରଞ୍ଜନ ଦାଶ, ବିମାନ ସାହୁ, ଗୋପବନ୍ଧୁ ମଲିକ, ସନତ ପଟ୍ଟନାୟକ, ବଟକୃଷ୍ଣ ପ୍ରଧାନ, ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ପାଦକ ମାଧବ କୋଠିଆ, ହରି ମହାରଣା ଓ ନାଗେଶ୍ୱର ରାଓ ପ୍ରମୁଖ ସାମିଲ ହୋଇଥିଲେ। ଆଜିର ଏହି ଦିନିକିଆ ଧର୍ମଘଟକୁ ସମର୍ଥନ ଜଣାଇ ବ୍ରହ୍ମପୁର ମଣ୍ଡଳ ଅଧୀନରେ ଥିବା ୨୦ ଗ୍ରାମ୍ୟ ବ୍ୟାଙ୍କ ବନ୍ଦ ରହିଥିବା ଜଣାପଡିଛି।

# ଯୁକ୍ତ ୨ ଦ୍ୱିତୀୟ କଟ୍‌ଅଫ୍ ଲିଷ୍ଟ ପ୍ରକାଶିତ

ବ୍ରହ୍ମପୁର ଅଫିସ,୨୭।୯

ଯୁକ୍ତ ୨ ପ୍ରଥମ ବର୍ଷ ପାଠ୍ୟକ୍ରମ ନାମଲେଖା ନିମନ୍ତେ ସୋମବାର ଦ୍ୱିତୀୟ କଟ୍‌ଅଫ୍ ମାର୍କ ପ୍ରକାଶିତ ହୋଇଛି। ଦ୍ୱିତୀୟ କଟ୍‌ଅଫ୍ ଅନୁସାରେ ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ କଲେଜରେ କଳା ସାଧାରଣ ବର୍ଗରେ ୫୬.୫%, ଏସ୍‌ସି ୫୦%, ଏସ୍‌ଟି ୩୩% ଏବଂ ଭିନ୍ନକ୍ଷମଙ୍କ ନିମନ୍ତେ ୩୩%, ବିଜ୍ଞାନ ସାଧାରଣ ବର୍ଗରେ ୬୧.୮%, ଏସ୍‌ସିରେ ୩୮.୬୭%, ଏସ୍‌ଟି ୩୪.୫% ଓ ବାଣିଜ୍ୟ ସାଧାରଣ ବର୍ଗରେ ୪୮.୬୭%, ଏସ୍‌ଟି ୩୪.୧୭% ଓ ଏସ୍‌ସି ୪୮.୩୩% ରହିଛି। ସହର ଉପକଣ୍ଠସ୍ଥ ସିଟି କଲେଜରେ କଳା ସାଧାରଣ ବର୍ଗରେ ୪୯.୩୩%, ଏସ୍‌ଟି ୩୩% ଏବଂ ଏସ୍‌ସି ୪୭%, ବିଜ୍ଞାନ ସାଧାରଣ ବର୍ଗରେ ୩୬.୪୦%, ଏସ୍‌ଟି ୪୧.୫୦%, ଏସ୍‌ସି ୪୧.୮୦% ଏବଂ ବାଣିଜ୍ୟରେ ୩୩% ଧାର୍ଯ୍ୟ ହୋଇଛି। ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ କଳା ସାଧାରଣ ବର୍ଗରେ ୬୬.୭୧%, ଏସ୍‌ସି ୫୭.୬୭%, ଏସ୍‌ଟି ୫୨.୩୮% ରହିଥିବା ବେଳେ ବାଣିଜ୍ୟ ସାଧାରଣ ବର୍ଗରେ ୬୯.୫୦%,ଏସ୍‌ଟି ୩୩%, ଏସ୍‌ସି ୪୬.୫୦% ଏବଂ ଭିନ୍ନକ୍ଷମ ୬୪.୬୭% ରହିଛି। ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳା ସାଧାରଣ ବର୍ଗରେ ୬୩.୮୩%, ଏସ୍‌ସି ୫୬.୬୭%, ଏସ୍‌ଟି ୫୦%, ବିଜ୍ଞାନ ସାଧାରଣ ବର୍ଗରେ ୮୨.୬୭%, ଏସ୍‌ସି ୮୩.୧୭%, ଏସ୍‌ଟି ୪୬.୨% ଏବଂ ବାଣିଜ୍ୟ ସାଧାରଣ ବର୍ଗରେ ୭୧.୧୭% ରହିଥିବା ବେଳେ ଏସ୍‌ସି ଓ ଏସ୍‌ଟିରେ ୩୩% ରହିଥିବା ଅଧ୍ୟକ୍ଷ ଡ.ରାଧାକାନ୍ତ ନାୟକ କହିଛନ୍ତି। ଆସନ୍ତା ୨୯ରୁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆରମ୍ଭ ହେବ।

### ଏସ୍‌ଆଇ, ଏଏସ୍‌ଆଇସ୍ତରରେ ବଦଳି

ବ୍ରହ୍ମପୁର ଅଫିସ,୨୭।୯

ବ୍ରହ୍ମପୁର ପୋଲିସ ଜିଲାର ଏସ୍‌ଆଇ ଓ ଏଏସ୍‌ଆଇସ୍ତରରେ ସୋମବାର ଅଦଳବଦଳ କରାଯାଇଛି। ବ୍ରହ୍ମପୁର ସଦର ଥାନାରେ କାର୍ଯ୍ୟରତ ଏସ୍‌ଆଇ କେ.ସି. ମଲ୍ଲିକଙ୍କୁ ଟ୍ରାଫିକ୍ ଥାନାକୁ ବଦଳି କରାଯାଇଛି। ସେହିପରି ଜିଲା ପୋଲିସ ରିଜର୍ଭ ଅଫିସ ଓ ବିଭିନ୍ନ ଥାନାରେ କାର୍ଯ୍ୟରତ ୨୯ ଏଏସ୍‌ଆଇଙ୍କୁ ବିଭିନ୍ନ ସ୍ଥାନକୁ ବଦଳି କରାଯାଇଛି। ଏ ନେଇ ବ୍ରହ୍ମପୁର ଏସ୍‌ପି ନିର୍ଦ୍ଦେଶନାମା ଜାରି କରିଛନ୍ତି।

# ଗଞ୍ଜାମକୁ ୫ ସ୍ୱର୍ଣ୍ଣ, ୧ ରୌପ୍ୟ

## ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଶୁଭ୍ରାନ୍ତଙ୍କ କୃତିତ୍ୱ

ବ୍ରହ୍ମପୁର ଅଫିସ/ଛତ୍ରପୁର (ଡି.ଏନ୍.ଏ.), ୨୭।୯


ପୁରସ୍କାର ଓ ପଦକ ସହ ଶୁଭ୍ରାନ୍ତ ପାତ୍ର

ଓଡ଼ିଶା ସନ୍ତରଣ ସଂଘ ପକ୍ଷରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଗତ ୨୫ ଓ ୨୬ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସନ୍ତରଣ ସଂଘ ପକ୍ଷରୁ ୧୧ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରୁ ପୁରୁଷ ବିଭାଗର ଶୁଭ୍ରାନ୍ତ ପାତ୍ର ଚାମ୍ପିୟନ ହୋଇଛନ୍ତି। ଶୁଭ୍ରାନ୍ତ ୧୦୦ ମିଟର, ୨୦୦ ମିଟର, ୫୦ ମିଟର ବଟର ଫ୍ଲାଏ ଓ ୨୦୦ ମିଟର ଫ୍ରିଷ୍ଟାଇଲ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ସହ ୪ଟି ସ୍ୱର୍ଣ୍ଣ ପଦକ ଏବଂ ୧୦୦ ମିଟର ଫ୍ରିଷ୍ଟାଇଲ ବର୍ଗରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ସେହିପରି ପାରା ସନ୍ତରଣ ପ୍ରତିଯୋଗିତାରେ ମଧ୍ୟ ବ୍ରହ୍ମପୁରର ପ୍ରତିଯୋଗୀ ପ୍ରୀତମ୍ ବେହେରା ୫୦ ମିଟର ଫ୍ରିଷ୍ଟାଇଲରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏନେଇ ଜିଲା ସନ୍ତରଣ କୋଚ କେ. ମନୋଜ କୁମାର ସୂଚନା ଦେଇଛନ୍ତି। ଏଥିରେ ଗଞ୍ଜାମ ପ୍ରତିଯୋଗୀଙ୍କ ଶ୍ରେଷ୍ଠ ପ୍ରଦର୍ଶନ ହେତୁ କ୍ରୀଡ଼ା ସଂଘ ସମ୍ପାଦକ ଆଶୋକ ସାହୁଙ୍କ ସମେତ ବହୁ ସଦସ୍ୟଙ୍କ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

# ସୁପରସ୍ପେଶାଲିଟି କୋଠାରୁ ଖସିଲା ସିଲିଂ

## ବ୍ରହ୍ମପୁର ବଡ଼ ମେଡିକାଲ


ଖସି ପଡ଼ିଥିବା ସିଲିଂ।

ବ୍ରହ୍ମପୁର ଅଫିସ,୨୭।୯

ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ସର୍ଜରି ବିଭାଗ କୋଠା ତଥା ସୁପର ସ୍ପେଶାଲିଟି ବ୍ଲକ ଛାତ ସିଲିଂ ଖସିପଡ଼ିଛି। ରବିବାର ରାତିରେ ଏହି କୋଠାର ତୃତୀୟ ମହଲାରେ ଥିବା ରୋଗୀ ସମ୍ପର୍କୀୟ ଅପେକ୍ଷା ଗୃହର ସିଲିଂ ଖସିବା ସହ ଭୟର ବାତାବରଣ ସୃଷ୍ଟି ହୋଇଛି। ୫ ବର୍ଷ ତଳେ ୫ ମହଲାବିଶିଷ୍ଟ ସୁପର ସ୍ପେଶାଲିଟି କୋଠା ନିର୍ମାଣ କରାଯାଇଥିଲା। ଏଥିପାଇଁ ୫୫ କୋଟି ଟଙ୍କା ବ୍ୟୟ ହୋଇଥିଲା। ୨୦୧୭ରେ କୋଠାକୁ ଉଦ୍‌ଘାଟନ କରାଯିବା ପରେ ସେଠାକୁ ସର୍ଜରି ବିଭାଗ, ଶିଶୁ ସର୍ଜରି ବିଭାଗ ଓ ପରେ କାଜୁଆଲ୍‌ଟି ଖୋଲାଯାଇଥିଲା। ଏହି କୋଠା ସର୍ଜରି ବିଭାଗର ଶହ ଶହ ରୋଗୀ ଚିକିତ୍ସିତ ହେଉଛନ୍ତି। କୋଠାର ସବୁ କୋଠରିକୁ ସେଣ୍ଟ୍ରାଲ ଏସି ସଂଯୋଗ କରାଯାଇଥିବାରୁ ନିର୍ମାଣ ପରେ ଛାତ ତଳପଟୁ ୨ ଫୁଟ ଅନ୍ତରରେ ସିଲିଂ କରାଯାଇଥିଲା। ସମ୍ପୂର୍ଣ୍ଣ କୋଠାରେ ସିଲିଂ ପାଇଁ କୋଟିଏରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ ମାତ୍ର ୪ ବର୍ଷ ଭିତରେ କୋଠା ଛାତରୁ ସିଲିଂଗୁଡ଼ିକ ଛାଡିବାକୁ ବସିଛି। ରବିବାର ରାତିରେ କୋଠା ୩ୟ ମହଲାରେ ଥିବା ସର୍ଜରି ପିଜି ବିଭାଗ ସମ୍ମୁଖ ଛାତ ତଳୁ ସିଲିଂ ଛିଡି ତଳେ ପଡ଼ିଥିଲା। ସେତେବେଳେ ସେହି ସ୍ଥାନରେ କୌଣସି ରୋଗୀ କିମ୍ବା ସମ୍ପର୍କୀୟ ନ ଥିବାରୁ କାହାର କୌଣସି କ୍ଷତି ହୋଇ ନ ଥିଲା। କୋଠା ନିର୍ମାଣ କରିଥିବା ଏଲ୍ ଆଣ୍ଡ ଟି କମ୍ପାନୀ କାର୍ଯ୍ୟରେ ଅବହେଳା କରିଥିବାରୁ ଛାତରୁ ପାଣି ଗଳୁଛି ବୋଲି ଅଭିଯୋଗ ହେଉଛି। ଏନେଇ ଏମ୍‌କେସିଜ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା.ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ ରବିବାର ରାତିରେ ସୁପର ସ୍ପେଶାଲିଟି କୋଠା ସିଲିଂ ଖସିଥିବା ଦେଖିବାକୁ ମିଳିଛି। ଏନେଇ ପୂର୍ତ୍ତ ବିଭାଗକୁ ଜଣାଇ ଦିଆଯାଇଛି। ଏହାର ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି ସେ କହିଛନ୍ତି।

# ପଦ୍ମଶ୍ରୀ ମୋହନ ନାୟକଙ୍କ ଶ୍ରାଦ୍ଧଦିବସ


ଶ୍ରାଦ୍ଧ ଦିବସରେ ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦା।

ବ୍ରହ୍ମପୁର ଅଫିସ,୨୭।୯

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଦଳିତ ନେତା ଓ ପୂର୍ବତନ ଏମ୍‌ପି ଏବଂ ମନ୍ତ୍ରୀ ସ୍ୱର୍ଗତ ପଦ୍ମଶ୍ରୀ ମୋହନ ନାୟକଙ୍କ ୩୮ତମ ଶ୍ରାଦ୍ଧ ଦିବସ ସୋମବାର ପାଳିତ ହୋଇଯାଇଛି। ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଛକଠାରେ ଥିବା ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଧାନମେରା ସାହିସ୍ଥିତ ଗାନ୍ଧୀ ମଣ୍ଡପଠାରେ ସ୍ୱର୍ଗତ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ ଯୋଗ ଦେଇ ନିଷ୍ପେଷିତ ଜନତାର ପ୍ରାଣକର୍ତ୍ତା ଓ ଜଣେ ତ୍ୟାଗୀ ପୁରୁଷ ସ୍ୱର୍ଗତ ନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ ମୁଖୀ, ପୂର୍ବତନ କର୍ପୋରେଟର ଅନିଲ କୁମାର ନାୟକ, ବାନାମ୍ବର ନାୟକ, ଚିନ୍ତାମଣି ନାୟକ, ମନୋରଞ୍ଜନ ଲିମାଇ, ରାଜେଶ ନାୟକ, ବିଶ୍ୱନାଥ ଘଡେଇ, ପ୍ରଭାକର ନାୟକ ଓ ଜନାର୍ଦ୍ଦନ ଘଡେଇ ପ୍ରମୁଖ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ।

# ଚକରା ବିଷୋୟୀଙ୍କ ଡାକ ଟିକେଟ ଉନ୍ମୋଚିତ

ଭଞ୍ଜନଗର,୨୭।୯(ଡି.ଏନ.ଏ)


ଉପସ୍ଥିତ ଅତିଥି ଓ ଗ୍ରାମବାସୀ।

ଘୁମୁସର ମାଟିର ସ୍ୱାଧୀନତା ସଂଗ୍ରାମୀ ବୀର ଚକରା ବିଷୋୟୀଙ୍କ ନାଁରେ ଡାକ ଟିକେଟ ଉନ୍ମୋଚନ ହୋଇଛି। ସୋମବାର ଚକରା ବିଷୋୟୀଙ୍କ ଜନ୍ମମାଟି ଭଞ୍ଜନଗର ବ୍ଲକ ବିଞ୍ଜିଗିରିଠାରେ ଡାକ ବିଭାଗ ପକ୍ଷରୁ ମାଇ ଷ୍ଟାମ୍ପ ଯୋଜନାରେ ଏହି ଟିକେଟ ଉନ୍ମୋଚନ ହୋଇଛି। ମାଇଁ ଷ୍ଟାମ୍ପ ଯୋଜନାରେ ଯେ କୌଣସି ବ୍ୟକ୍ତି ଡାକ ବିଭାଗରେ ୩ଶହ ଟଙ୍କା ଦାଖଲ କରି ନିଜ ପରିଜନଙ୍କ ନାଁରେ ଡାକ ଟିକେଟ କରିପାରିବେ। ଏହାପରେ ଡାକ ବିଭାଗ ପକ୍ଷରୁ ୧୨ଟି ଷ୍ଟାମ୍ପ ପ୍ରଦାନ କରାଯିବ। ହେଲେ ଏହା ଡାକ ବିଭାଗ କାଉଣ୍ଟରରେ ବିକ୍ରି ହୋଇପାରିବ ନାହିଁ। ତେବେ ଡାକ ବିଭାଗ ନିଜ ଆଡୁ ମାଇ ଷ୍ଟାମ୍ପ ଯୋଜନାରେ ଚକରା ବିଷୋୟୀଙ୍କ ସମେତ ୫ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ଡାକ ଟିକେଟ ଉନ୍ମୋଚନ କରିଛି। ଆସିକା ମଣ୍ଡଳର ଡାକ ସେବା ଅଧିକାରୀ ନିରଞ୍ଜନ ନାଥ ପଣ୍ଡା, ବ୍ୟବସାୟିକ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ସ୍ୱାଇଁ, ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ସୀମାଞ୍ଚଳ ପାତ୍ର ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ତାହାକୁ ଉନ୍ମୋଚନ କରିଥିଲେ। ଚକରା ବିଷୋୟୀ କଳଚୁରାଲ ଏକାଡ଼େମୀର ସଭାପତି ଜଗବନ୍ଧୁ ଜେନାଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶୂଳପାଣି ଶତପଥୀ, ପଞ୍ଚାନନ ପାଳ, ଜଗଦିଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରହ୍ମପୁର ଶିଳ୍ପାଞ୍ଚଳରେ ହେଉ ପାସେଞ୍ଜର ହଲ୍ଟ

ବ୍ରହ୍ମପୁର ଅଫିସ,୨୭।୯

ବ୍ରହ୍ମପୁର ଶିଳ୍ପାଞ୍ଚଳରେ ପାସେଞ୍ଜର ଟ୍ରେନ୍ ହଲ୍‌ଟ ପାଇଁ ଦୀର୍ଘ ବର୍ଷର ଦାବି ଏବଂ ବହୁବାର ଆନ୍ଦୋଳନ ହୋଇଛି। ତଥାପି ରେଲ୍‌ୱେ ପକ୍ଷରୁ ଅବହେଳା ଅବ୍ୟାହତ ରହିଛି। ଅପରପକ୍ଷରେ ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରାରେ ରେଳ କୋଚିଂ କମ୍ପ୍ଲେକ୍ସ ଏବଂ ୱାଶିଂ ବ୍ୟବସ୍ଥା କରାଯିବାକୁ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହା ସହ ଦକ୍ଷିଣ ଓଡ଼ିଶାର ପ୍ରମୁଖ ବ୍ରହ୍ମପୁର ରେଳ ଷ୍ଟେଶନ ଆଧୁନିକୀକରଣ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ମନ୍ତ୍ରୀଙ୍କ ଦୃଷ୍ଟିକୁ ଦିଆଯାଇଛି। ଓଡ଼ିଶାରୁ ପ୍ରତିବର୍ଷ ପ୍ରାୟ ୧୪ ହଜାର କୋଟି ଟଙ୍କା ରେଲ୍‌ୱେ ପକ୍ଷରୁ ରାଜସ୍ୱ ଆଦାୟ କରାଯାଉଛି। ତନ୍ମଧ୍ୟରୁ ଏକ ପ୍ରମୁଖ ଭାଗ ବ୍ରହ୍ମପୁର ଦେଉଛି। ତେଣୁ ନ୍ୟାଯ୍ୟ ଦାବି ପୂରଣ ଲାଗି ନିବେଦନ କରାଯାଇଛି।

ଗଞ୍ଜାମ ଜିଲା ଭାଜପାର ଏକ ଟିମ୍ ସଭାପତି ବିଭୂତି ଜେନାଙ୍କ ନେତୃତ୍ୱରେ ମନ୍ତ୍ରୀ ବୈଷ୍ଣବଙ୍କୁ ଭେଟି ବିଭିନ୍ନ ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ବ୍ରିଟିଶ ଶାସନ ବେଳେ ଶିଳ୍ପାଞ୍ଚଳ ପାସେଞ୍ଜର ହଲ୍‌ଟ ଥିଲା ଓ ଏହାକୁ କୋର୍ଟ ହଲ୍‌ଟ କୁହାଯାଉଥିଲା। ଅର୍ଦ୍ଧ ଶତାବ୍ଦୀରୁ ଅଧିକ ବର୍ଷ ତଳୁ ଏହାକୁ ବନ୍ଦ କରି ଦିଆଯାଇଛି ଏବଂ ଅତୀତର ଚିହ୍ନ ମଧ୍ୟ ଲିଭିଯାଇଛି। ଶିଳ୍ପାଞ୍ଚଳ ଆଙ୍କୁଲି ସମେତ ଆଖପାଖ ୨୬ ଖଣ୍ଡ ଗାଁ ଲୋକଙ୍କ ସ୍ୱାର୍ଥ ନିମନ୍ତେ ପୁଣି ପାସେଞ୍ଜର ଟ୍ରେନ ହଲ୍‌ଟ ପାଇଁ ଆନ୍ଦୋଳନ ପରେ ଆନ୍ଦୋଳନ ହୋଇଛି। ରେଲ୍‌ୱେର ମାର୍କେଟିଂ ଓ ବୈଷୟିକ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ମଧ୍ୟ କରିଛନ୍ତି। ତେବେ ବହୁ ବର୍ଷର ଜନ ଦାବି ପୂରଣ କରୁନାହାନ୍ତି।

ସେହିପରି ଗୋଳନ୍ଥରା ରେଳ ଷ୍ଟେଶନ ପାଖରେ ଭୂ-ତଳ ଜଳ ସୁବିଧା ଥିବାରୁ ସେଠାରେ ୱାଶିଂ ଓ କୋଚିଂ କମ୍ପ୍ଲେକ୍ସ ନିର୍ମାଣ ପାଇଁ କୁହାଯାଇଛି। ଏହା କାର୍ଯ୍ୟକାରୀ ହେଲେ ଟ୍ରେନଗୁଡ଼ିକ ଆନ୍ଧ୍ରର ପଲାସା ପରିବର୍ତ୍ତେ ଗୋଳନ୍ଥରାରେ ୱାଶିଂ ହୋଇପାରିବ ଏବଂ ଦୂର ଦୂରାନ୍ତକୁ ଯାତାୟାତ ହେଉଥିବା ଟ୍ରେନଗୁଡ଼ିକ ବ୍ରହ୍ମପୁରରୁ ଆରମ୍ଭ ହେବାର ସୁଯୋଗ ସୃଷ୍ଟି ହେବ। ବ୍ରହ୍ମପୁର ଷ୍ଟେଶନରେ ଅତ୍ୟାଧୁନିକ ରିଟାୟରିଂ କମ୍ପ୍ଲେକ୍ସ ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ବ୍ରହ୍ମପୁର-ସମ୍ବଲପୁର ନୂଆ ରେଳପଥ ନିର୍ମାଣ, ପୁରୀ-ବ୍ରହ୍ମପୁର ଓ ଗୁଣପୁର ସିଧା ଟ୍ରେନ ଚଳାଚଳ ସମେତ ଆଉ କେତେକ ଦାବି ମଧ୍ୟ କରାଯାଇଛି। ଠିକ୍ ଅନୁଧ୍ୟାନ ପରେ ପଦକ୍ଷେପ ନିଆଯିବାର ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ସାକ୍ଷାତ୍ ବେଳେ ବରିଷ୍ଠ ନେତା ସରୋଜ ସାବତ ଓ କ୍ରିଷ୍ଣା ରେଡ୍ଡୀ ଉପସ୍ଥିତ ଥିଲେ।

# ଭାରତ ବନ୍ଦ: ଜୀବନଯାତ୍ରା ପ୍ରଭାବିତ



ସୋରଡା


ବୁଗୁଡା



ପାରଳାଖେମୁଣ୍ଡି

କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ ପ୍ରତ୍ୟାହାର ଦାବିରେ ଚାଷୀ ଆନ୍ଦୋଳନ ଜାରି ରହିଥିବା ବେଳେ ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ସୋମବାର ଭାରତ ବନ୍ଦ ପାଳନ କରାଯାଇଛି। ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲାରେ ବିଭିନ୍ନ କୃଷକ ସଙ୍ଗଠନ ଏବଂ କଂଗ୍ରେସ ସମେତ କେତେକ ରାଜନୈତିକ ଦଳ ପକ୍ଷରୁ ଆନ୍ଦୋଳନ କରାଯାଇଛି।


ହିଞ୍ଜିଳିକାଟୁ


ଦିଗପହଣ୍ଡି


ଭଞ୍ଜନଗର


ବାଲିଗୁଡା



ଆସିକା


ଫୁଲବାଣୀ


ଦାରିଙ୍ଗବାଡି

## ସଂକ୍ଷେପରେ

### ୨ ଗୋଷ୍ଠୀ ସଂଘର୍ଷ, ୪ ଆହତ

**ହିଞ୍ଜିଳିକାଟୁ, ୨୭।୯(ଡ଼ି.ଏନ.ଏ.):** ହିଞ୍ଜିଳି ଥାନା ଗିରିଆ ଗ୍ରାମରେ ରବିବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷର ୪ ଆହତ ହୋଇଛନ୍ତି। ସେମାନେ ହେଲେ ଗିରିଆ ଗ୍ରାମର ଗଜ ଦାସ, ଗୟା ଦାସ, ବଳିଆ ଦଳାଇ ଓ ବରୁଣ ଦଳାଇ। ସମସ୍ତଙ୍କୁ ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ବଳିଆ ଓ ଗୟାଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଉଭୟ ପକ୍ଷଙ୍କ ପକ୍ଷରୁ ହିଞ୍ଜିଳି ଥାନାରେ ଏତଲା ଦିଆଯାଇଛି। ପୋଲିସ ନଂ. ୫୧୫, ୫୧୭/୨୧ରେ ମାମଲା ରୁଜୁ କରି ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

### ଜିଲାସ୍ତରୀୟ ବାଣିଜ୍ୟ ମହୋତ୍ସବ

**ଜି.ଉଦୟଗିରି,୨୭।୯(ଡି.ଏନ.ଏ.):** ଜି.ଉଦୟଗିରି ସମନ୍ୱିତ ସଭାଗୃହରେ ଆପେଡା ଦ୍ୱାରା ଆୟୋଜିତ ଓ ସ୍ୱାତୀ ଦ୍ୱାରା ପରିଚାଳିତ ଏହି ଜିଲାସ୍ତରୀୟ ବାଣିଜ୍ୟ ମହୋତ୍ସବ ସ୍ୱାତୀ ସମ୍ପାଦିକା ସୁସ୍ମିତା ଜେନାଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ, ଜି.ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସୁଜିତ କୁମାର ମୁଖି, ବ୍ଲକ କୃଷି ଅଧିକାରୀ ଉପେନ୍ଦ୍ର ପ୍ରସାଦ ପାଢ଼ୀ, ସମ୍ମାନିତ କୃଷକ ଅନୀତା ମଲ୍ଲିକ ଏବଂ ଅଭିମନ୍ୟୁ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ପରିଚାଳନା ସମ୍ପାଦକ ହରି ଶଙ୍କର ରାଉତ ପରିଚାଳନା କରିଥିଲେ। ଆୟୋଜିତ ଉତ୍ସବରେ କୃଷକମାନଙ୍କ ଦକ୍ଷତା ବୃଦ୍ଧି କରିବା ଲକ୍ଷ୍ୟରେ କିପରି ପ୍ରତିଟି କୃଷକ ଆଇଡି ବାହାର କରିବା, ମାଟିକୁ ପରୀକ୍ଷା କରିବା, ବିହନକୁ ବିଶୋଧନ କରିବା, ଗଜା ପରୀକ୍ଷା କରିବା, ଧାଡ଼ିରେ ଗଛ ଲଗାଇବା ଆଦି ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଥିଲେ ଜିଲା କୃଷି ଅଧିକାରୀ। ବାଣିଜ୍ୟ ମହୋତ୍ସବରେ ଉଦ୍ୟୋଗି ଚାଷି ଭାବେ ହେମନ୍ତ ଚନ୍ଦ୍ର ପ୍ରଧାନ, ବିଜୟ ଚନ୍ଦ୍ର ପ୍ରଧାନ, ପୁରୁଷୋତ୍ତମ ପ୍ରଧାନ, ସୁରେଖା ପ୍ରଧାନ, ଶ୍ୟାମନାଥ ପ୍ରଧାନ ପ୍ରମୁଖଙ୍କୁ ପ୍ରମାଣ ପତ୍ର ଦେଇ ସମ୍ମାନିତ କରାଯାଇଥିଲା।

## କାମ ଯୋଗାଇବାରେ ଛତ୍ରପୁର ବ୍ଲକ ପଛୁଆ

**ଛତ୍ରପୁର,୨୭।୯(ଡି.ଏନ୍.ଏ.)**

ଗଞ୍ଜାମ ଜିଲାର ୨୨ ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କାମ ଚାଲିଛି। ଗ୍ରାମାଞ୍ଚଳରେ ଲୋକଙ୍କୁ କାମ ଯୋଗାଇଦେବା ଏହି ଯୋଜନାର ଲକ୍ଷ୍ୟ । କରୋନା ଲାଗି ଗାଁକୁ ଫେରି ଆସିଥିବା ପ୍ରବାସୀ ଶ୍ରମିକମାନେ ଯେଭଳି ଏହି ଯୋଜନାରେ କାମ ପାଇପାରିବେ ସେନେଇ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଧ୍ୟ ନିୟମିତ ବୈଠକ କରି ନିର୍ଦ୍ଦେଶ ଦେଉଥିବା ବେଳେ ଡିଆରଡିଏ ପିଡି ବିଭିନ୍ନ ପଞ୍ଚାୟତକୁ ଯାଇ ଏମଜିଏନଆରଇଜିଏସ୍‌ରେ ଚାଲିଥିବା କାମ ଅନୁଧ୍ୟାନ କରୁଛନ୍ତି। ତେବେ ଜିଲାରେ ଛତ୍ରପୁର ବ୍ଲକ ଏହି ଯୋଜନାରେ ଲୋକଙ୍କୁ କାମ ଯୋଗାଇବାରେ ସବା ଶେଷରେ ରହିଛି । ପୂର୍ବରୁ

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦିଗହରା

ଏମଜିଏନଆରଇଜିଏସ କାର୍ଯ୍ୟରେ ବ୍ଲକ ପଛୁଆ ଥିବାରୁ ତତ୍କାଳୀନ ବିଡିଓଙ୍କୁ ଜିଲାପାଳ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବା ନଜିର ରହିଛି । ଏବେ ବିଡିଓ ପଦବୀ ଭାରପ୍ରାପ୍ତରେ ଚାଲିଛି । ଏପରିକି ଏବିଡିଓ ପଦବୀ ମଧ୍ୟ ଦୀର୍ଘବର୍ଷ ଧରି ଖାଲି ପଡିଛି । ବହୁ ଯନ୍ତ୍ରୀ ପଦବୀ ଖାଲିଥିବାରୁ ୨ରୁ ୩ ଟି ପଞ୍ଚାୟତ ଦାୟିତ୍ୱରେ ଜଣେ ଲେଖାଏ କନିଷ୍ଠ ଯନ୍ତ୍ରୀ ରହଛନ୍ତି। ଦୀର୍ଘ ବର୍ଷ ଧରି ଏମଜିଏନଆରଇଜିଏସ କାର୍ଯ୍ୟ ପାଇଁ ମନିଟରିଂ ଦାୟିତ୍ୱରେ ଥିବା ବ୍ଲକ ଓ ପଞ୍ଚାୟତ ସ୍ତରରେ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟ କରିଆସୁଛନ୍ତି। ଏସବୁ କାରଣରୁ ବ୍ଲକରେ ଏମଜିଏନଆରଇଜିଏସର ସଫଳ ରୂପାୟନ ହୋଇପାରୁନି । ଏକଦା ଏମଜିଏନଆରଇଜିଏସର ସଫଳ ରୂପାୟନ ପାଇଁ ଜାତୀୟସ୍ତରରେ ଛତ୍ରପୁର ବ୍ଲକ ଓ ଏହି ବ୍ଲକ ଅଧିନ ପଞ୍ଚାୟତ ପୁରସ୍କୃତ ହୋଇଆସୁଥିଲା । ମାତ୍ର ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ଯୋଜନାର ଅଗ୍ରଗତି ବ୍ଲକରେ ବହୁ ଧିମା ରହିଛି। ଜିଲାର ହେଡକ୍ୱାର୍ଟର ଛତ୍ରପୁର ବ୍ଲକର ଏଭଳି ନୈରାଶ୍ୟଜନକ ସ୍ଥିତି ରହିଛି। ମିଳିଥିବ ସୂଚନାଅନୁସାରେ ଏମଜିଏନଆରଇଜିଏସରେ ଏଯାବତ ବ୍ଲକର ମାତ୍ର ୨୧୧ ହଜାର ୩୭୦ ଜଣଙ୍କୁ କାମ ଯୋଗାଇ ଦିଆଯାଇଛି। ଏ ନେଇ ୭ ଲକ୍ଷ ୨୨ ହଜାର ୪୬୨ ଶ୍ରମଦିବସ ସୃଷ୍ଟି ହୋଇଥିବା ରିପୋର୍ଟରେ କୁହାଯାଇଛି । ବ୍ଲକର ୯୬୧ ପରିବାରଙ୍କୁ ଉକ୍ତ ଯୋଜନାରେ ଶହେ ଦିନକର କାମ ମିଳିଛି । ସୋମବାର ସୁଦ୍ଧା ୧୦୬ଟି ପ୍ରକଳ୍ପର କାମ ସରିଛି । ଏବେ ଉକ୍ତ ଯୋଜନାରେ ୧୯୩୦ଟି ପ୍ରକଳ୍ପ କାମ ଚାଲିଥିବା ବେଳେ ୨୬୧୨ଟି ପ୍ରକଳ୍ପର କାମ ଆଦୌ ଆରମ୍ଭ ହୋଇନି । ରିପୋର୍ଟରୁ ଆହୁରି ଜଣାଯାଇଛି ଯେ, ବ୍ଲକ ଅଧୀନ ଅଗସ୍ତିନୂଆଗାଁ ପଞ୍ଚାୟତର ୬୫୯ ଜଣଙ୍କୁ କାମ ଯୋଗାଇ ଦିଆଯାଇଥିବାବେଳେ ଆର୍ଯ୍ୟପଲ୍ଲୀ ପଞ୍ଚାୟତର ୨୦୫ ଜଣ, ବଡମାଧପୁର ପଞ୍ଚାୟତର ୭୭୨, ବଉଲଗାଁ ପଞ୍ଚାୟତର ୪୯୨, ଭିକାରୀପଲ୍ଲୀ ପଞ୍ଚାୟତର ୯୨୦, ବିପୁଲିଙ୍ଗି ପଞ୍ଚାୟତର ୭୬୭, ଚମାଖଣ୍ଡି ପଞ୍ଚାୟତର ୪୩୭, ଟିକଲଖଣ୍ଡି ପଞ୍ଚାୟତର ୯୫୨, କାଳିପଲ୍ଲୀ ପଞ୍ଚାୟତର ୪୧୯, କଣମଣା ପଞ୍ଚାୟତର ୫୫୨, ଲକ୍ଷ୍ମୀପୁର ପଞ୍ଚାୟତର ୭୭୧ ଜଣ, ମହାନାଦପୁର ପଞ୍ଚାୟତର ୪୭୬, ନରେନ୍ଦ୍ରପୁର ପଞ୍ଚାୟତର ୪୧୯, ପୋଡାପଦର ପଞ୍ଚାୟତର ୫୮୦, ପୋଟଲାମପୁର ପଞ୍ଚାୟତର ୬୪୮, ଶ୍ରୀରାମପୁର ପଞ୍ଚାୟତର ୫୮୪, ସୁନ୍ଦରପୁର ପଞ୍ଚାୟତର ୯୦୮ ଏବଂ ଟାଙ୍ଗଣାପଲ୍ଲୀ ପଞ୍ଚାୟତର ୮୦୯ ଙ୍କୁ କାମ ଯୋଗାଇ ଦିଆଯାଇଛି ।

## ରୋଟାରି କ୍ଲବ ସଭାନେତ୍ରୀ ସମ୍ମାନିତ


ପୁରସ୍କାର ପ୍ରଦାନ କରାଯାଉଛି।

**ଛତ୍ରପୁର,୨୭।୯(ଡି.ଏନ.ଏ.)**

ଛତ୍ରପୁର ରୋଟାରି କ୍ଲବ ସଭାନେତ୍ରୀ ଏସ. ରେଖା ମହାନ୍ତିଙ୍କୁ ଶ୍ରେଷ୍ଠ ସଭାପତି ଭାବେ ସମ୍ମାନିତ କରାଯାଇଛି। ୨୦୨୦-୨୧ ବର୍ଷରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ରବିବାର ଭୁବନେଶ୍ୱରର କ୍ରାଉନ୍ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାନେତ୍ରୀ ମହାନ୍ତିଙ୍କୁ ସେଭେନ ଷ୍ଟାର ସଭାପତି ଭାବେ ସମ୍ମାନିତ କରାଯାଇଥିଲା। ରୋଟାରୀ ଆନ୍ତର୍ଜାତିକ ଜିଲା ୩୨୬୨ର ଜିଲା ଗଭର୍ଣ୍ଣର ସୌମ୍ୟରଞ୍ଜନ ପାଣି ଓ ପ୍ରଥମ ମହିଳା ସରିତା ପାଣି ରେଖାଙ୍କୁ ସେଭେନ ଷ୍ଟାର ଟ୍ରଫି, ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଓଡିଶା ସମେତ ପଡୋଶୀ ପଶ୍ଚିମବଙ୍ଗ, ବିହାର ଓ ଛତିଶଗଡ଼ର ସୀମାନ୍ତ ଅଞ୍ଚଳର ୧୧୪ଟି ରୋଟାରୀ କ୍ଲବ ଶାଖାକୁ ନେଇ ରୋଟାରୀ ଜିଲା ୩୨୬୨ ଗଠିତ। ଏହି ରୋଟାରୀ ଜିଲାର ସମସ୍ତ ଶାଖା ପକ୍ଷରୁ ୨୦୨୦-୨୧ ବର୍ଷରେ କରାଯାଇଥିବା କାର୍ଯ୍ୟକ୍ରମ ଆଧାରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି।

## କାମ ନ ସରୁଣୁ ଭୁଶୁଡ଼ିଲା ସ୍କୁଲ ପାଚେରି


ଭୁଶୁଡ଼ି ପଡ଼ିଥିବା ପାଚେରି।

**ବୁଗୁଡ଼ା,୨୭।୯(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଭାମଶିଆଳି ଗ୍ରାମର ସରକାରୀ ହାଇସ୍କୁଲର ପାଚେରି ନିର୍ମାଣ ଚାଲିଥିବା ବେଳେ ନିମ୍ନମାନର କାମ ଯୋଗୁ ଏହାର କିଛି ଭାଗ ଭୁଶୁଡି ପଡ଼ିଛି। ଏହି ପାଚେରି ନିର୍ମାଣ ପାଇଁ ୧୫ତମ ସିଏଫସି ପାଣ୍ଠି ଆନୁକୂଲ୍ୟରେ ୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ପ୍ରାୟ ୭ ମାସ ହେଲା କାମ ଚାଲିଛି। ତେବେ ପାଚେରୀଟି ଭୁଶୁଡିବା ବିଷୟରେ ବିଭାଗୀୟ ଯନ୍ତ୍ରୀ ବିଭୁଦତ୍ତ ମିଶ୍ର ଜାଣିପାରି ନ ଥିବା ଏବଂ କାର୍ଯ୍ୟର ଅଟକଳ ମୂଲ୍ୟ ଓ ଅବଧି ଫାଇଲ୍ ଦେଖିଲେ ଜଣାପଡିବ ବୋଲି କହିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ସହକାରୀ ଯନ୍ତ୍ରୀ ଗୋପାଳ କୃଷ୍ଣ ଗୌଡଙ୍କୁ ପଚାରିବାରେ ପ୍ରବଳ ବର୍ଷା ଯୋଗୁଁ ପାଚେରିଟି ଭୁଶୁଡ଼ି ଯାଇଥିବ ବୋଲି ସଫେଇ ଦେଇଛନ୍ତି।

## ଆଦର୍ଶ ବିଦ୍ୟାଳୟର ଆନୁଷାଙ୍ଗିକ ବ୍ୟବସ୍ଥାକୁ ଗୁରୁତ୍ୱ

**ଖଜୁରୀପଡ଼ା,୨୭।୯(ଡି.ଏନ.ଏ.)**

ଖଜୁରିପଡ଼ା ବ୍ଲକରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଆନୁସାଙ୍ଗିକ ବ୍ୟବସ୍ଥା ଉପରେ ବିଡ଼ିଓ ରବୀନ୍ଦ୍ରନାଥ କହଁର ଗୁରୁତ୍ୱ ଦେଇଛନ୍ତି। ଶନିବାର ବିଡିଓ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟାଳୟରେ ଶିକ୍ଷକ-ଅଭିଭାବକ ଏକ ବୈଠକ ବସି ଛାତ୍ରୀଛାତ୍ରଙ୍କ ବିଦ୍ୟାଳୟର ଆବଶ୍ୟକତା ଓ ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା ଜରୁରୀକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ଆଲୋଚନା କରିଛନ୍ତି। ୨୦୧୭ରେ ଆଦର୍ଶ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହୋଇଥିଲା। ହେଲେ ବର୍ତ୍ତମାନ ବିଦ୍ୟାଳୟର ମରାମତି ଆବଶ୍ୟକତା ଦେଖିବାକୁ ମିଳିଛି। ତେଣୁ ବିଦ୍ୟାଳୟର ଆନୁଷାଙ୍ଗିକ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ହୋଇଥିଲା। ବିଦ୍ୟାଳୟର ଅତିରକ୍ତ ପ୍ରିନ୍ସପାଲ ଲକ୍ଷ୍ମୀଧର ସାହୁ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ତଥା ସାମାଜିକ କର୍ମୀ ବୈଦ୍ୟନାଥ ବେହେରା, ଅନ୍ୟ ଅଭିଭାବକ, ସହକାରୀ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ, କନିଷ୍ଠ ଯନ୍ତ୍ରୀ ସ୍ନେହଲତା ପାତ୍ର ଯୋଗ ଦେଇଥିଲେ।

## ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ


ଖେଳାଳିଙ୍କ ଗହଣରେ ଅତିଥିମାନେ।

**ବାଲିଗୁଡା,୨୭।୯.(ଡି.ଏନ.ଏ.)**

ବାଲିଗୁଡ଼ା ବ୍ଲକ ସିନ୍ଦ୍ରିଗାଁ ଗ୍ରାମପଞ୍ଚାୟତ ପାଶେରପଡାଠାରେ ଶିବଶଙ୍କର ସ୍ମାରକୀ ଜିଲା ସ୍ତରୀୟ ଦ୍ୱିତୀୟ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲିଗୁଡ଼ା ବ୍ଲକ ବିଜୁ ଯୁବ ଜନତା ଦଳର ସମ୍ପାଦକ ରଞ୍ଜନ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ସନ୍ତୋଷ କୁମାର ଦିଗାଲ, ସୁବାସ ମଲିକ, କପିଳାସ ସାହୁ, ମାନସ ସାହୁ, ସୀମାଞ୍ଚଳ ସାହୁ, ହେମାନନ୍ଦ ମଲିକ, ବିରୁପାକ୍ଷ ସାହୁ, କପିଳ ମଲିକ, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ଜିଲାର ମୋଟ ୩୨ ଟିମ ଭାଗ ନେଇଛନ୍ତି। ପ୍ରଥମ ଦିନରେ ୨ ମ୍ୟାଚ ଖେଳ ହୋଇଥିଲା। ପ୍ରଥମ ମ୍ୟାଚରେ ମାଟିକୁଟି ବିଜୟ ଲାଭ କରିଥିବା ବେଳେ ଅନ୍ୟ ମ୍ୟାଚ ସିନ୍ଦ୍ରୀଗାଁ ଦଳ ବିଜୟ ଲାଭ କରିଥିଲା। ଏହି ଟୁର୍ନାମେଣ୍ଟରେ ଶିବଶଙ୍କର ଯୁବକ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

